# CFD Citizens for Development ଲୋକ ବିକାଶ ସଂସ୍ଥା

## ଓଡିଆ ସମାଜର ସମୃଦ୍ଧି ପାଇଁ ଲୋକ ବିକାଶ ସଂସ୍ଥାର ସାଫଲ୍ୟପୂର୍ଣ୍ଣ ପଦକ୍ଷେପ

ଡଃ ସଙ୍କର୍ଷଣ ଆଚାର୍ଯ୍ୟ, ଅଧ୍ୟକ୍ଷ, ଲୋକ ବିକାଶ ସଂସ୍ଥା

## କର୍ମ ନିଯୁକ୍ତି ଓ ସମୃଦ୍ଧିଶାଳୀ ହେବାର ଏକମାତ୍ର ପନ୍ଥା

ସମୃଦ୍ଧିଶାଳୀ ହେବାର ଏକମାତ୍ର ପନ୍ଥା ହେଲା ଭିତ୍ତିଭୂମିର ବିକାଶ । ଅର୍ଥାତ୍, ଆମ ରାସ୍ତାଘାଟ୍ ପ୍ରଶସ୍ତ ଓ ଚିକ୍କଣ ହେବା ଦରକାର । ଉନ୍ନତ ଧରଣର ଡାକ୍ତରଖାନା, ସ୍କୁଲ୍ ଓ କଲେଜ୍ ସବୁ ଅଞ୍ଚଳରେ ବସିବା ଆବଶ୍ୟକ । ଯଥାସଂଖ୍ୟକ ବୈଷୟିକ ଶିକ୍ଷାନୁଷ୍ଠାନ, ପାନୀୟ ଜଳର ସୁବିଧା ଓ ବିଦ୍ୟୁତ୍ ଶକ୍ତିର ଯୋଗାଣ ହେବା ଉଚିତ୍ । ମାତ୍ର ସମୃଦ୍ଧିଶାଳୀ ହେବାର ସର୍ବଶ୍ରେଷ୍ଠ ଉପାୟ ହେଲା ସୁଶାସନ ପଦ୍ଧତି ଯେହେତୁ ସୁଶାସନ ପଦ୍ଧତି ହିଁ ଭିତ୍ତିଭୂମିର ବିକାଶ କରିପାରିବ ।

ବିଶ୍ୱର ସବୁଠୁ ଆଗୁଆ ସମାଜଗୁଡିକ ସୁଶାସନ ପଦ୍ଧତିରେ ପର୍ଯ୍ୟବେଶିତ ହୋଇ ଭିତ୍ତିଭୂମିର ବିକାଶ କରିଛନ୍ତି । ଉନ୍ନତ ଭିତ୍ତିଭୂମି ଯୋଗୁଁ ସେମାନେ ପୃଥିବୀର ସମସ୍ତ ଦେଶରୁ ସୁଶିକ୍ଷିତ, ଜ୍ଞାନୀ ଓ ଉତ୍ପାଦନକ୍ଷମ ବ୍ୟକ୍ତିଙ୍କୁ ଆକର୍ଷଣ କରି ପାରିଛନ୍ତି । ଆକର୍ଷିତ ପରଦେଶୀଙ୍କ ମାଧ୍ୟମରେ ନୂତନ ଶିଳ୍ପବିଜ୍ଞାନ ସାମଗ୍ରୀ ଉତ୍ପାଦନ କରି ନିଜ ସମାଜଗୁଡିକୁ ସର୍ବଦା ପ୍ରଗତିଶୀଳ ଓ ପ୍ରତିଯୋଗ ସଂପନ୍ନ କରିଥାନ୍ତି ।

ଆଗୁଆ ସମାଜରେ ଫୋନ୍ କରିବା ସଙ୍ଗେ ସଙ୍ଗେ ପୋଲିସ୍ ହାଜର ହୋଇ ସମସ୍ୟା ସମାଧାନ କରେ । କିନ୍ତୁ ଓଡିଶାରେ ତଥା ସମଗ୍ର ଭାରତରେ ଅପରାଧୀ ବିରୁଦ୍ଧରେ ଲିଖିତ ଅଭିଯୋଗ କଲେ ମଧ୍ୟ, ଅନେକ ସମୟରେ ପୋଲିସ୍ କିମ୍ବା ଉପରିସ୍ଥ ଅଧିକାରୀ ତଥା ରାଜନେତାବର୍ଗ ଅପରାଧୀଠୁ ଲାଞ୍ଚ ନେଇ ବା ଅପରାଧୀ ସଙ୍ଗେ ଦୁର୍ନୀତି ସଂପର୍କ ହେତୁ କେସ୍ ବନ୍ଦ କରିଦିଅନ୍ତି କିମ୍ବା ଚପେଇ ଦିଅନ୍ତି । ସମୃଦ୍ଧିଶାଳୀ ସମାଜଗୁଡିକରେ ପୋଲିସ୍‌ର ସ୍ୱାଧୀନତା ଥାଏ ଓ ରାଜନେତାବର୍ଗ ପୋଲିସ୍‌କୁ ଅକ୍ତିଆରରେ ରଖିବା ତାଙ୍କ ଶାସନ ପଦ୍ଧତିରେ ନାହିଁ । ସେଠାରେ ସିଭିଲ୍ ଅଫିସର୍‌ଙ୍କ ପାଖରେ ରାଜନେତାବର୍ଗଙ୍କ (ଗଭର୍ଣ୍ଣର ଓ ରାଷ୍ଟ୍ରପତିଙ୍କ ସମେତ) ବିରୁଦ୍ଧରେ ସ୍ୱାଧୀନଶୀଳ ହୋଇ ମୋକଦ୍ଦମା କରିବାର ଅଧିକାର ରହିଛି ।

ଆମର ଔପନିବେଶିକ ଅମଳର କୁଶାସନ ପଦ୍ଧତି ସ୍ୱାଧୀନତା ପରେ ମଧ୍ୟ ସୁଶିକ୍ଷିତ ଓ ଉତ୍ପାଦନକ୍ଷମ ନାଗରିକଙ୍କୁ କବଳ କରି ଶୋଷଣ କରି ଚାଲିଛି । କୁଶାସନ କଳ ଭାରତର ଅନ୍ତର୍ଦ୍ଦେଶୀୟ ପ୍ରତିଯୋଗ ଶକ୍ତିକୁ ଧିମେଇ ରଖିଛି । ତଦ୍ୱାରା ଭାରତ ଆମଦାନୀ ସଙ୍ଗେ ତାଳଦେଇ ରପ୍ତାନୀ କରିପାରୁନି । ଭାରତୀୟ ମୁଦ୍ରା ରୁପିର ଅନ୍ତର୍ଦ୍ଦେଶୀୟ ମୂଲ୍ୟ ସ୍ୱାଧୀନତା ପରଠୁ ଅନେକ ହ୍ରାସ କରିଯାଇଛି । ଗତ ଦୁଇ ବର୍ଷରେ ଚୀନ୍‌ର ମୁଦ୍ରା ତୁଳନାରେ ରୁପି ୧୦ ପ୍ରତିଶତ ହ୍ରାସ କରିଛି ଓ ତଦ୍ୱାରା ଭାରତୀୟମାନେ ଚୀନ୍‌ବାସୀଙ୍କ ତୁଳନାରେ ୧୦ ପ୍ରତିଶତ ଗରିବ ହୋଇ ଯାଇଛନ୍ତି । ରୁପିର ଦାମ୍ କମିଗଲେ, ଭାରତକୁ ଆମଦାନୀ ହେଉଥିବା ତୈଳ ଓ ଅତ୍ୟାବଶ୍ୟକ କଳ କବ୍‌ଜାର ଦାମ୍ ବଢିଯାଏ । ତଦ୍ୱାରା ତୈଳରେ ଓ ଅତ୍ୟାବଶ୍ୟକ କଳ କବ୍‌ଜାଦ୍ୱାରା ସର୍ବସାଧାରଣଙ୍କ ପାଇଁ ଉତ୍ପାଦିତ ହେଉଥିବା ସାମଗ୍ରୀର ଦାମ୍ ବଢିଯାଏ । ଦାମ୍ ବଢିଗଲେ, ସହଜରେ ରୁପି ପାଇ ପାରୁନଥିବା ୮୦ ପ୍ରତିଶତ୍ ଭାରତୀୟ ବିଶେଷତଃ ଗ୍ରାମବାସୀମାନେ ବଞ୍ଚିବା କଷ୍ଟକର ହୋଇପଡେ ।

ଔପନିବେଶିକ ଅମଳର କୁଶାସନ ପଦ୍ଧତି ଯୋଗୁଁ ନାଗରିକଙ୍କ ଆୟ ବିଶେଷ ଅଭିବୃଦ୍ଧି ହୋଇ ପାରୁନି । ପ୍ରକଳ୍ପ ପାଇଁ ଯେତିକି ଟିକସ ଆଦାୟ ହେବା ଦରକାର ସେତିକି ହୋଇ ପାରୁନି । ଯେତିକି ରାଜସ୍ୱ ଆଦାୟ ହେଉଛି, ତାର ପ୍ରାୟ ୯୦ ପ୍ରତିଶତ ଏ ସରକାରୀ କଳର ଦରମା ଓ ପେନ୍‌ସନ୍‌ରେ ଯାଉଛି । ଲାଞ୍ଚୁଆ ଅଧିକାରୀ ମାନେ ରାଜକୋଷ ପାଇଁ ଉଦ୍ଦିଷ୍ଟ ରାଜସ୍ୱକୁ ନିଜସ୍ୱ କରିଚାଲିଛନ୍ତି । ଭିତ୍ତିଭୂମିର ବିକାଶ ପାଇଁ ବିଶେଷ କିଛି ରାଜସ୍ୱ ବଞ୍ଚୁନାହିଁ । ଲାଞ୍ଚୁଆ ବିଶିଷ୍ଟ ଅଧିକାରୀ ମାନେ ଅନ୍ୟ କର୍ମଚାରୀଙ୍କୁ ପରୋକ୍ଷରେ ଲାଞ୍ଚ ସଂଗ୍ରହ କରିବାକୁ ପ୍ରବର୍ତ୍ତିତ କରାନ୍ତି । ତଦ୍ୱାରା ନାଗରିକ ମାନେ ମଧ୍ୟ ଟିକସ ଦେବାରେ ଫାଙ୍କନ୍ତି । ଏକ ପକ୍ଷରେ ଟିକସ୍ ଯେତିକି ଆଦାୟ ହେବା କଥା ହୋଇପାରୁନି । ଅନ୍ୟ ପକ୍ଷରେ ଯେତିକି ଭିତ୍ତିଭୂମି ଅବସ୍ଥାପିତ କରାଯାଉଛି ତାହା ଲାଞ୍ଚଖୋର ନିଷ୍ପତ୍ତିକାରୀଙ୍କ ଅବହେଳିତ ନିରୀକ୍ଷଣ ଯୋଗୁଁ ଉନ୍ନତ ମାନର ହୋଇ ପାରୁନି ।

ଲାଞ୍ଚ ପରିବେଶ ବନ୍ଦ ହୋଇପାରିଲେ,

(୧) ଏ ସରକାରୀ କଳ ଯଥେଷ୍ଟ ଟିକସ ଆଦାୟ କରିପାରିବ,

(୨) ନାଗରିକ ମାନେ ଟିକସ୍ ଫାଙ୍କିପାରିବେ ନାହିଁ,

(୩) କଣ୍ଟ୍ରାକ୍‌ଟରମାନେ ଅନୁନ୍ନତ ମାନର କାର୍ଯ୍ୟ ସଂପାଦନ କରିବାରେ ସାହାସ କରିବେନି,

(୪) ଭିତ୍ତିଭୂମିର ବିକାଶରୁ ସୁଶିକ୍ଷିତ, ଜ୍ଞାନୀ ଓ ଉତ୍ପାଦନକ୍ଷମଶୀଳ ବ୍ୟକ୍ତିମାନଙ୍କ ପ୍ରଚେଷ୍ଟାରୁ ଅନେକ ଆଦାୟ ହୋଇପାରିବ,

(୫) ଅନ୍ୟ ଲୋକେ ନୂତନ ଆୟକାରୀ ସଂସ୍ଥାରେ କାମ କରିପାରିବେ,

(୬) ସରକାର ବେଶୀ ଟିକସ ଆଦାୟ କରିପାରିବେ ଓ

(୭) ସରକାରୀ ଚାକିରିଆ ବେଶି ଦରମା ପାଇପାରିବେ ।

ସାଂପ୍ରତିକ ଶାସନ ପଦ୍ଧତିରେ, ଆମ ସରକାରୀ କଳ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ପ୍ରାୟ ସମସ୍ତ ଆୟକାରୀ ସଂସ୍ଥା (ପି·ଏସ୍·ୟୁ·) ଚଳାଉଛି । କିନ୍ତୁ ଏ ସଂସ୍ଥାଗୁଡିକ ଦେବାଳିଆ ଓ ବିଲୋପ ହେବାରେ ଲାଗିଛି । ତତ୍ ସଙ୍ଗେ ସଙ୍ଗେ ଚାକିରୀର ମରୀଚିକା ଭ୍ରଷ୍ଟ ହେବାରେ ଲାଗିଛି ।

ପୃଥିବୀରେ କୌଣସି ସରକାର ଆୟକାରୀ ବ୍ୟବସାୟିକ ସଂସ୍ଥା (ପି·ଏସ୍·ୟୁ·) ରେ ସଫଳତା ଅର୍ଜନ କରି ପାରିନାହାନ୍ତି । ଆୟକାରୀ ବ୍ୟବସାୟିକ ସଂସ୍ଥାରେ ସରକାର ହସ୍ତକ୍ଷେପ କଲେ କେବଳ ଆଳସ୍ୟ ଓ ଅକର୍ମଣ୍ୟତା ସୃଷ୍ଟି ହୁଏ ଓ ସେ ସଂସ୍ଥା ଆସ୍ତେ ଆସ୍ତେ ପଙ୍ଗୁ ପାଲଟି ଯାଏ ନତୁବା ପ୍ରାକୃତିକ ସଂପଦ ଗ୍ରାସ କରିଚାଲେ । ଏହାର କାରଣ ହେଲା, ସରକାର ଆୟତ୍ତରେ ଥିବା ବ୍ୟବସାୟିକ ସଂସ୍ଥା (ପି·ଏସ୍·ୟୁ·) ଉପରେ କୌଣସି ଅଂଶଧନ ବିନିଯୋଗକାରୀ ମାଲିକ ନଥାନ୍ତି ଓ ସରକାରୀ ବାବୁ ଓ ନେତା ଭଳି ପରିଚାଳକଙ୍କୁ ନିୟନ୍ତ୍ରଣ କରିବାକୁ କେହି ନଥାଏ ।

ସମାଜରେ ସର୍ବସାଧାରଣଙ୍କ ପାଇଁ କର୍ମ ସୃଷ୍ଟି କରିବାକୁ ହେଲେ, ସଚ୍ଚୋଟ, ସୁଶିକ୍ଷିତ, ଜ୍ଞାନୀ ଓ ଉତ୍ପାଦନକ୍ଷମଶୀଳ ଉଦ୍ୟୋଗକାରୀଙ୍କ ସ୍ୱାଧୀନଶୀଳ (ସରକାରର ହସ୍ତକ୍ଷେପ ବିନା) ପ୍ରଚେଷ୍ଟା ହେଲା ସବୁଠୁ ବେଶୀ ଜରୁରୀ । ସମାଜର ବିତ୍ତୋନ୍ନତି ପାଇଁ ସରକାର କେବଳ ଦୂରଦୃଷ୍ଟି ସଂପର୍ଣ୍ଣ ନୀତି ବିଧାନ କରିବା ଉଚିତ୍ ଓ ଶିଳ୍ପ ସଂସ୍ଥା ନୀତି ଅନୁସାରେ ବସାଇବାକୁ ପ୍ରଚେଷ୍ଟା କରିବା ଉଚିତ୍ ଓ ହସ୍ତକ୍ଷେପ ବିନା ନିୟନ୍ତ୍ରଣ କରିବା ଉଚିତ୍ । ତା ହେଲେ ଲାଭଜନକ ଓ କର୍ମ ସୃଷ୍ଟି କରିପାରୁଥିବା ଘରୋଇ ଶିଳ୍ପ ସଂସ୍ଥା ଗଢି ଉଠିବ । ଘରୋଇ ସଂସ୍ଥାମାନେ ଦୁର୍ଲ୍ଲଭ ପ୍ରାକୃତିକ ସଂପଦ୍‌ର ବଜାର ମୂଲ୍ୟ ରାଜକୋଷକୁ ଦେବାକୁ ବାଧ୍ୟ ହେବେ । ଏବେ ଲୁହାପଥରର ଟନ୍ ପିଚ୍ଛା ବଜାର ଦର ହେଲା ପ୍ରାୟ ଟ୪୦୦୦ । ଉତ୍ତୋଳନ ଓ ପରିବହନ ଯାଇ ଆମ ରାଜକୋଷକୁ ପ୍ରାୟ

ଟ୩୦୦୦ ଆସିବା କଥା । କିନ୍ତୁ ଆମେ ପାଉଛେ ମାତ୍ର ଟ୩୦ । ଏଭଳି ଭାବେ ଭାରତରୁ ୬·୩ କୋଟି ଟନ୍ ପ୍ରତିବର୍ଷ ରପ୍ତାନୀ କରାଯାଉଛି ଓ ତଦ୍ଵାରା ପ୍ରାୟ ଟ୧୯୦୦୦ କୋଟି ଟଙ୍କା ଆମ ରାଜକୋଷ ହରାଉଛି ଓ ଏତେ ବିପୁଳ ସମୂହ ସଂପଦ କେତେକ ରପ୍ତାନିକାରୀମାନେ ଓ ତାଙ୍କ ସଙ୍ଗେ ଜଡିତ ନିଷ୍ପତ୍ତିକାରୀ ମାନେ ଭାଗ ବାଣ୍ଟି ନେଇ ଯାଉଛନ୍ତି । ଏବେ ୬୦ କୋଟି ଟନ୍ କୋରିଆର ଗୋଟେ କଂପାନୀକୁ ସେ ହିସାବରେ ଦେବାକୁ ସରକାର ଚୁକ୍ତି କରିଛନ୍ତି । ତଦ୍ଵାରା ଓଡିଶା ଟ୧୮୦୦୦୦ କୋଟି ହରାଇବ । ସି·ଏଫ·ଡି· ପ୍ରଧାନମନ୍ତ୍ରୀଙ୍କୁ ରାଇଟ୍ ଟୁ ଇନ୍ଫର୍ମେସନ ନିୟମ ଅନୁସାରେ ଏ ସବୁ ବିଷୟରେ ସରକାରୀ ତଥ୍ୟ ମାଗିଛି, କିନ୍ତୁ ଆଠ ମାସ ହେଲା ଜବାବ ପାଇନି ।

ମନେ ରଖିବା ଦରକାର ଯେ, ସୁଶିକ୍ଷିତ, ଜ୍ଞାନୀ ଓ ଉତ୍ପାଦନକ୍ଷମଶୀଳ ଉଦ୍ୟୋଗକାରୀମାନେ ନିଜ ନିଜ ସଞ୍ଚୟକୁ ବ୍ୟାଙ୍କରେ ଗଚ୍ଛିତ କରିପାରିବେ କିମ୍ବା ଋଣ ନନେଇ ଅନ୍ୟ ପନ୍ଥା ଅବଲମ୍ବନ କରିପାରିବେ । ଉଦ୍ୟୋଗକାରୀଙ୍କ ବିନିଯୁକ୍ତ ପୁଞ୍ଜି ଉପରେ ଅତିକମ୍‌ରେ ବ୍ୟାଙ୍କ ହାରରେ ଲାଭ ସୃଷ୍ଟି କରିବାକୁ ନିୟୋଜିତ କର୍ମୀମାନେ ଓ ସରକାର ସହଯୋଗ କରିବାକୁ ପଡିବ । ନିୟୋଜିତ କର୍ମୀମାନେ ଯଦି ପୁଞ୍ଜିବାଦକୁ ବିରୁଦ୍ଧ କରନ୍ତି ତେବେ (୧) କର୍ମ ସୃଷ୍ଟି ହୋଇ ପାରିବନି, (୨) ପୁଞ୍ଜି ବିଦେଶ ଚାଲିଯିବ, (୩) ସୁଶିକ୍ଷିତ, ଜ୍ଞାନୀ ଓ ଉତ୍ପାଦନକ୍ଷମଶୀଳ ବ୍ୟକ୍ତି ବିଦେଶ ଚାଲିଯିବେ ଓ (୪) ଯେଉଁ ସୁଶିକ୍ଷିତ, ଜ୍ଞାନୀ ଓ ଉତ୍ପାଦନକ୍ଷମଶୀଳ ବ୍ୟକ୍ତି ଦେଶରେ ରହିବେ, ତାଙ୍କ ପାଇଁ ମଧ୍ୟ ପ୍ରତିକୂଳ ବାତାବରଣ ଚାଲିରହିବ । ସର୍ବସାଧାରଣ ତଥା ସରକାର ଲାଞ୍ଚ ଆଶା ନକରି ସୁଶିକ୍ଷିତ, ଜ୍ଞାନୀ, ଉତ୍ପାଦନକ୍ଷମଶୀଳ ଓ ପୁଞ୍ଜି ବିନିଯୋଗ କରିପାରିବା ବ୍ୟକ୍ତିଙ୍କ ସଂଗେ ସହଯୋଗ କଲେ ହିଁ ସମାଜରେ ଚାକିରୀ ସୃଷ୍ଟି ହୋଇପାରିବ ।

ଆମ ସମାଜରେ ଦୁରବସ୍ଥା ଓ ନିଯୁକ୍ତିହୀନ ପରିବେଶର ମୁଖ୍ୟ କାରଣ ହେଲା, କେତେକ କ୍ଷମତାଶାଳୀ ସରକାରୀ ପଦାଧିକାରୀ ଓ ତାଙ୍କ ସଙ୍ଗେ ଜଡିତ କେତେକ ଆଞ୍ଚଳିକ ନେତା ଲାଞ୍ଚ ବିନା ଅନୁକୂଳ ପରିସ୍ଥିତି ସୃଷ୍ଟି କରେଇ ଦେଉ ନାହାନ୍ତି । ତଦ୍ଵାରା କେବଳ ଲାଞ୍ଚ ଦେବାକୁ ରାଜିଥିବା ଉଦ୍ୟୋଗକାରୀ ଶିଳ୍ପ ପ୍ରତିଷ୍ଠା କରିବାକୁ ଆଗେଇ ଆସୁଛନ୍ତି । ଏମାନେ ହେଲେ ବ୍ୟାଙ୍କ ଋଣ ମାରିନେବା କିମ୍ବା ମାହାଳିଆରେ କଞ୍ଚାମାଲ୍ ଉଠେଇନେବା ଉଦ୍ୟୋଗକାରୀ । ଏଭଳି ଉଦ୍ୟୋଗ ଆମ ସମାଜର କେବଳ ଅମଙ୍ଗଳ କରି ଆସିଛି । ଏଥିପାଇଁ ଦାୟୀ କିଏ ? ଆମ ସରକାରରେ ଥିବା କେତେକ ବିଶିଷ୍ଟ ପଦାଧିକାରୀ ଓ ତାଙ୍କ ସଙ୍ଗେ ଜଡିତ କେତେକ ଆଞ୍ଚଳିକ ନେତା ଯେଉଁ ମାନେ ସଚ୍ଚୋଟ, ସୁଶିକ୍ଷିତ, ଜ୍ଞାନୀ ଓ ଉତ୍ପାଦନକ୍ଷମଶୀଳ ଉଦ୍ୟୋଗକାରୀମାନଙ୍କ ସଙ୍ଗେ ଲାଞ୍ଚ ବିନା ସହଯୋଗ କରିବାକୁ ନାରାଜ । ଆମେ ଯଦି ଏ ମର୍ମ ବୁଝି ନିୟମଗତ ପ୍ରଚେଷ୍ଟା ବଳରେ ଲାଞ୍ଚୁଆ ବିଶିଷ୍ଟ ପଦାଧିକାରୀ ଓ ତାଙ୍କ ସଙ୍ଗେ ଜଡିତ କେତେକ ଆଞ୍ଚଳିକ ନେତାଙ୍କୁ ତାଙ୍କ କର୍ମରୁ ବହିଷ୍କାର କରି ପାରିବା, ତେବେ ଚାକିରୀ ସୃଷ୍ଟି କରିପାରିବା ଓ ସମୃଦ୍ଧି ପରିବର୍ଦ୍ଧନ କରିପାରିବା ।

## ଓଡିଆଙ୍କ ସମୃଦ୍ଧି ପାଇଁ ଲୋକ ବିକାଶ ସଂସ୍ଥାର ଅବଦାନ

ଆମ ସମାଜରେ କିଭଳି ନିଯୁକ୍ତି ବୃଦ୍ଧିହେବ ତଥା ଓଡିଆଙ୍କ ସମୃଦ୍ଧି ଘଟିପାରିବ ତା ହେଲା ସିଟିଜେନସ୍ ଫର୍ ଡେଭେଲପ୍‌ମେଣ୍ଟ (ଲୋକ ବିକାଶ ସଂସ୍ଥା) ଅର୍ଥାତ୍ ସି·ଏଫ୍·ଡି·ର ମୁଖ୍ୟ ଲକ୍ଷ୍ୟ ଓ ସାଧନା । ଏଥିପାଇଁ ସି·ଏଫ୍·ଡି·ର ନେତୃତ୍ଵରେ ନିମ୍ନଲିଖିତ କେତେକ ସାଫଲ୍ୟପୂର୍ଣ୍ଣ ପଦକ୍ଷେପ ନିଆ ଯାଇଛି । ପ୍ରତ୍ୟେକ ପଦକ୍ଷେପର ବିବରଣୀ ସି·ଏଫ୍·ଡି·ର ଓଡିଶା ପାଇଁ ନିର୍ମିତ ସ୍ଵତନ୍ତ୍ର ୱେବସାଇଟ୍‌ରେ ସର୍ବସାଧାରଣଙ୍କ ପାଇଁ ସ୍ପଷ୍ଟ ଭାବେ ପ୍ରଦର୍ଶନ କରାଯିବ ।

**୧·** ପଞ୍ଚାୟତକୁ ଆର୍ଥିକ କ୍ଷମତା ଦିଆଯିବାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପାଖକୁ ସ୍ମାରକପତ୍ର ସି·ଏଫ୍·ଡି· ତରଫରୁ ଅଗଷ୍ଟ ୨୦୦୪ ରେ ପଠାଯାଇଥିଲା । ରାଷ୍ଟ୍ରପତି ତଦନୁଯାୟୀ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇ ନିଷ୍ପତ୍ତି ନେବାକୁ ଚିଠି ଲେଖିଥିଲେ ଓ ସି·ଏଫ୍·ଡି·କୁ ଜଣାଇଥିଲେ । ନିକଟରେ (୨୦୦୬ ମେ ମାସରେ) କେନ୍ଦ୍ର ସରକାର ଏଭଳି ଏକ ବିଶିଷ୍ଟ ଓ ଗ୍ରାମ ପଞ୍ଚାୟତ ମାନଙ୍କ ପାଇଁ ଯଥୋଚିତ ଆର୍ଥିକ କ୍ଷମତା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏତଦ୍ଵାରା ଗ୍ରାମ ପଞ୍ଚାୟତ ଓ ଜିଲ୍ଲା ପରିଷଦ ମାନଙ୍କ ପାଇଁ କେନ୍ଦ୍ର ସରକାର ଏକାଉଣ୍ଟ ଖୋଲିବେ ଓ ସିଧା ଟଙ୍କା ପଠାଇବେ । ଏଣିକି ଗ୍ରାମ ପଞ୍ଚାୟତ ସରପଞ୍ଚ ମାନେ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷମାନେ ସରକାରୀ କଳ ପଛରେ ଦୌଡିବେନି ଓ ଗ୍ରାମବାସୀଙ୍କୁ ନେଇ ଗ୍ରାମାଞ୍ଚଳର ଉନ୍ନତି ପାଇଁ ନିଜେ ଯୋଜନା କରିବେ, ଅନୁମୋଦନ କରିବେ ଓ ସଂପାଦନ କରିବେ । କିନ୍ତୁ ଆମେ ରାଜ୍ୟର ଅତି କମ୍‌ରେ ୫୦ ପ୍ରତିଶତ ରାଜସ୍ଵ ପଞ୍ଚାୟତକୁ ଆସୁ ବୋଲି ଦାବି କରିଥିଲେ ଯେହେତୁ ଗ୍ରାମାଞ୍ଚଳରେ ୮୦ ପ୍ରତିଶତ ଲୋକ ବସବାସ କରନ୍ତି । ଏ ବିଷୟରେ ଆମକୁ ପୁଣି ଆଉ ଗୋଟାଏ ସ୍ମାରକପତ୍ର ଦେବାକୁ ପଡିବ ।

**୨·** ଭାରତର ପ୍ରତି ରାଜ୍ୟର ଆର୍ଥିକ ସ୍ଥିତିର ଉନ୍ନତିପାଇଁ ମାର୍ଚ୍ଚ ୨୦୦୫ରେ ସି·ଏଫ୍·ଡି· ପ୍ରଧାନମନ୍ତ୍ରୀଙ୍କ ପାଖକୁ ଚିଠି ଲେଖିଥିଲେ । ସେଥିରେ ସ୍ପଷ୍ଟ କରାଯାଇଥିଲା ରାଜ୍ୟଗୁଡିକର ଅର୍ଥ ନିଗମଗୁଡିକୁ କିଭଳି ଦେବାଳିଆ ଅବସ୍ଥାରୁ ଉଦ୍ଧାର କରାଯିବ । ଅର୍ଥ ନିଗମ ଗୁଡିକରେ ସଚ୍ଚୋଟ୍ ଅର୍ଥ ସଚିବ ଓ ଡେଭେଲପ୍‌ମେଣ୍ଟ କମିଶନର୍ ନିଯୁକ୍ତି କରିବାକୁ ଦର୍ଶାଯାଇଥିଲା । ବିଶେଷତଃ ଶ୍ରୀ ଶରତ୍ ଚନ୍ଦ୍ରନଙ୍କ ଭଳି ସଚ୍ଚୋଟ୍ ଅଫିସରଙ୍କୁ କେନ୍ଦ୍ରକୁ ନନେଇ ଓଡିଶା ଅର୍ଥ ବିଭାଗର ସଂସ୍କାର କରିବାକୁ ସି·ଏଫ୍·ଡି· ତରଫରୁ ଇଙ୍ଗିତ ଦିଆଯାଇଥିଲା । ତଦନୁଯାୟୀ ଶ୍ରୀ ଶରତ୍ ଚନ୍ଦ୍ରନ୍‌ଙ୍କୁ ଡେଭଲପ୍‌ମେଣ୍ଟ କମିଶନ୍ର୍ କରାଯାଇଛି ଓ ମୁଖ୍ୟ ସଚିବ ସ୍ତରକୁ ପଦୋନ୍ନତି ଦିଆଯାଇଛି ।

**୩·** ରାଜ୍ୟର ପୋଲିସ୍ ବିଭାଗକୁ ସ୍ଵାଧୀନଭାବେ ନାଗରିକଙ୍କ ହିତରେ କର୍ମ ସଂପାଦନ କରିବାକୁ, ସି·ଏଫ୍·ଡି· ଅନେକବାର ଚିଠି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଲେଖି ଆସିଛି । ବିଶେଷତଃ ଶ୍ରୀ ସଚୀତ୍ ଦାସ୍‌ଙ୍କୁ ଡି·ଜି· ପାହ୍ୟାକୁ ପଦୋନ୍ନତି ଦେବାକୁ ଓ ପରେ ପରେ ସ୍ଵାଧୀନଭାବେ ଲୋକସ୍ଵାର୍ଥରେ କାର୍ଯ୍ୟ ସଂପାଦନ କରିବାକୁ ଅଧିକାର ଦିଆଯାଉ ବୋଲି ସି·ଏଫ୍·ଡି· ଲେଖିଥିଲା । ସେ ଅନୁସାରେ ଶ୍ରୀ ସଚୀତ୍ ଦାସ୍ ଡି·ଜି· ହେଲେ ଓ ପରେ ପରେ ଅନେକ ଦାଗୀଙ୍କୁ ଜେଲ୍ ପଠାଇଲେ, ଟେଣ୍ଡର ଫିକ୍ସିଙ୍ଗ୍ ଧରାଇଲେ, ଓ ସେକ୍ସ ରାକେଟ୍ ବନ୍ଦ କଲେ । ତଥାପି ଓଡିଶାରେ, ବିଷେଶତଃ କଟକ ଓ ଭୁବନେଶ୍ଵରରେ, କ୍ରାଇମ୍ ବଢି ଚାଲିଛି । ପ୍ରଧାନମନ୍ତ୍ରୀ ପ୍ରତି ରାଜ୍ୟରେ ଡି·ଜି· ମାନଙ୍କୁ ସିଟିଜେନସ୍ ବୋର୍ଡ ଜରିଆରେ ନିର୍ଣ୍ଣୟ କରିବାକୁ ଯେଉଁ ପ୍ରସ୍ତାବ ଦେଇଛନ୍ତି, ସେଥିରେ ସି·ଏଫ୍·ଡି· ସମ୍ମତ ଅଛି ।

**୪·** ପ୍ରାଥମିକ ସ୍କୁଲ୍ ପରିଚାଳନାର ଏକ ନିର୍ଦ୍ଦିଷ୍ଟ ପଦ୍ଧତି ବିଷୟରେ ସି·ଏଫ୍·ଡି· ଏକ ପ୍ରସ୍ତାବ ସେପ୍‌ଟେମ୍ବର ୨୦୦୫ ରେ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଲେଖିଥିଲା । କେନ୍ଦ୍ରୀୟ ପ୍ରାଥମିକ ସ୍କୁଲ୍ ବିଭାଗ ନିର୍ଦ୍ଦେଶକ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସି·ଏଫ୍·ଡି· ସଂଗେ ପତ୍ରଳାପ କରିଥିଲେ । ତଦନୁଯାୟୀ ରାଜ୍ୟ ସରକାର ମାନେ ପ୍ରାଥମିକ ସ୍କୁଲ୍‌ଗୁଡିକୁ ନୂତନ ପଦ୍ଧତିରେ ପରିଚାଳନା କରିବାକୁ ପଦକ୍ଷେପ ନେଇଛନ୍ତି ।

**୫·** ଗତବର୍ଷ ଜୁଲାଇରେ ସି·ଏଫ୍·ଡି· ରାଜ୍ୟର ସମସ୍ତ ବ୍ଲକ୍ ଓ ଜିଲ୍ଲା ପରିଷଦ ନେତାଙ୍କ ସଙ୍ଗେ ସଂଯୋଗ କରି ଭାରତର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଏକ ଚେତାବନୀ ପଠାଇଥିଲା । ଓଡିଆଙ୍କ ସମୃଦ୍ଧି ପାଇଁ ଏଥିରେ ଦର୍ଶାଯାଇଥିଲା ତିନୋଟି ପଦକ୍ଷେପ ।

**୫·୧·** ରାଜ୍ୟର ସମସ୍ତ ଖଣିଜ ସଂପଦର ବଜାର ନିର୍ଦ୍ଧାରିତ ମୂଲ୍ୟ ରାଜ୍ୟକୁ ଦିଆଯାଉ । ଉଦାହରଣ ସ୍ଵରୂପ, ରାଜ୍ୟରୁ ଉତ୍ପାଦିତ ଆଲୁମ୍ନିୟମର ବିକ୍ରି ଟଙ୍କାରୁ (ବକ୍ସାଇଟ୍ ଧାତୁର ରୟାଲ୍‌ଟିକୁ ଛାଡି) କେବଳ ଉତ୍ପାଦନ ଓ ବିକ୍ରୟ ଖର୍ଚ୍ଚକୁ ବିୟୋଗ କଲେ, ଅବଶିଷ୍ଟ ହେବ ଆମ ବକ୍ସାଇଟ୍ ଧାତୁର ବଜାର ନିର୍ଦ୍ଧାରିତ ମୂଲ୍ୟ ଯାହାକୁ ଆମେ ସଂପୂର୍ଣ୍ଣପାଇବା ଉଚିତ । ଆମର ଦାବି –

ବକ୍ସାଇଟ୍, ଲୁହା, କୋଇଲା ସମେତ ସମସ୍ତ ଖଣିଜ ଧାତୁର ବଜାର ନିର୍ଦ୍ଧାରିତ ମୂଲ୍ୟ ରାଜ୍ୟକୁ ଦିଆଯାଉ ।

**୫·୨·** ପଞ୍ଚାୟତଗୁଡିକୁ ଯଥାଯଥ ରାଜସ୍ୱ ବଣ୍ଟନ କରାଯାଉ । ରାଜ୍ୟର ମୁଣ୍ଡପିଛା ରାଜସ୍ୱକୁ ପଞ୍ଚାୟତର ଲୋକସଂଖ୍ୟାରେ ଗୁଣି ଗୁଣଫଳର ୫୦ ପ୍ରତିଶତ ରାଜସ୍ୱ ଅତିକମରେ ପଞ୍ଚାୟତକୁ ଯୋଗାଇ ଦିଆଯାଉ ।

**୫·୩·** ଔପନିବେଶିକ (କଲୋନିଆଲ୍) ଶାସନ ବଦଳାଯାଉ । ସରକାରୀ କର୍ମଚାରୀଙ୍କ ମନରେ ଜନସେବା ମନୋବୃତ୍ତି ଜାଗ୍ରତ କରିବାକୁ, ସ୍ୱାଧୀନତା ପୂର୍ବରୁ ବିଦେଶୀ ସରକାର ଛାଡିଯାଇଥିବା କେତେକ ବିଶିଷ୍ଟ ଶାସନ ପଦ୍ଧତି ବଦଳାଯାଉ । ଏକ ନିର୍ଦ୍ଦିଷ୍ଟ ସରକାରୀ କାର୍ଯ୍ୟ କେଉଁ ପ୍ରଣାଳୀରେ ନାଗରିକ ମାନେ ସଂପାଦନ କଲେ ନିଷ୍ପତ୍ତି ନିଆଯାଇପାରିବ କିମ୍ବା ମଞ୍ଜୁର ଦିଆଯାଇ ପାରିବ, ସେ ପ୍ରଣାଳୀକୁ ସ୍ପଷ୍ଟ ଭାବେ ଦର୍ଶାଇବାକୁ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଷ୍ପତ୍ତି ନେବାକୁ କେବଳ ଜଣେମାତ୍ର ସରକାରୀ କର୍ମଚାରୀ (ମୁଖ୍ୟ ମନ୍ତ୍ରୀ କିମ୍ବା ମୁଖ୍ୟ ସଚିବ କିମ୍ବା ତଳୀୟ କର୍ମଚାରୀ) ଦାୟୀ ରହିବେ । ପୂର୍ବ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଷ୍ପତ୍ତି ନନେଲେ ଏବଂ ପାଞ୍ଚଥରରୁ ଉର୍ଦ୍ଧ୍ୱ ଏଭଳି ଅବହେଳା କଲେ, ଦାୟୀ ଥିବା କର୍ମଚାରୀଙ୍କୁ ଚାକିରୀରୁ ନୂଆ ନିୟମ ଅନୁସାରେ ବହିଷ୍କାର କରାଯିବ । ମୁଖ୍ୟମନ୍ତ୍ରୀ କାର୍ଯ୍ୟରେ ଅବହେଳା କଲେ, ରାଜ୍ୟପାଳ ତାଙ୍କୁ ବହିଷ୍କାର କରିବେ । ରାଜ୍ୟରେ ନିଯୁକ୍ତଥିବା ସମସ୍ତ କର୍ମଚାରୀଙ୍କୁ (କେନ୍ଦ୍ରୀୟ କ୍ୟାଡର୍‌ରେ ଥିବା ଚାକିରୀୟାଙ୍କ ସମେତ) ବହିଷ୍କାର କରିବା କ୍ଷମତା ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିବ ଓ ଏ କ୍ଷମତା ମୁଖ୍ୟମନ୍ତ୍ରୀ ପ୍ରୟୋଗ ନକଲେ, ନାଗରିକ ମାନେ ମକଦ୍ଦମା କରି ମୁଖ୍ୟମନ୍ତ୍ରୀଙ୍କୁ ବହିଷ୍କାର କରିବା ଅଧିକାର ନୂଆ ନିୟମ ଅନୁସାରେ ରହିବ । ମୁଖ୍ୟ ସଚିବଙ୍କ ସମେତ ସମସ୍ତ ସରକାରୀ ପୋଷ୍ଟ ପାଇଁ ସମସ୍ତ ଶିକ୍ଷିତ ନାଗରିକ ମାନେ ସରକାରୀ କ୍ୟାଡର୍‌ରେ ଥିବା ପଦାଧୀକାରୀଙ୍କ ସଙ୍ଗେ ପ୍ରତିଯୋଗ କରିବାକୁ ନୂଆ ନିୟମ କରାଯାଉ ।

**୬·** ସି·ଏଫ·ଡି· ତରଫରୁ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ଚେତାବନୀ ଯୋଗୁଁ ଅନେକ ବିଶିଷ୍ଟ ପଦକ୍ଷେପ ଜନ ସମୂହଙ୍କ ସମୃଦ୍ଧି ପାଇଁ ନିଆଯାଇଛି । ଭାରତ ସରକାର ଟ୧୭୫୦୦୦ କୋଟିରେ ଗ୍ରାମାଞ୍ଚଳ ଉନ୍ନତିର ପ୍ରକଳ୍ପ ସୃଷ୍ଟି କରିଛନ୍ତି । କିନ୍ତୁ ଏ ଅର୍ଥ ପ୍ରତ୍ୟେକ ପଞ୍ଚାୟତକୁ ବିଭାଜିତ ହୋଇ ଆସିବା ଦରକାର ଓ ପଞ୍ଚାୟତ ଅଧିକାରୀଙ୍କ ହାତରେ ଅର୍ଥ ବିନିଯୋଗର କ୍ଷମତା ରହିବା ଦରକାର ।

**୭·** ସି·ଏଫ·ଡି· ର ପ୍ରଚେଷ୍ଟା ଯୋଗୁଁ ଭାରତ ସରକାର ଡଃ ମନମୋହନ ସିଂଙ୍କ ନେତୃତ୍ୱରେ ସରକାରୀ କଳର କେତେକ ବିଶିଷ୍ଟ ଶାସନ ପଦ୍ଧତିକୁ ପରିବର୍ତ୍ତିତ କରିଛନ୍ତି । କିନ୍ତୁ କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କୁ ବହିଷ୍କାର କରିବା ନିୟମ ଗ୍ରହଣ କରିନାହାନ୍ତି । ଖଣିଜ ସଂପତ୍ତିର ବଜାର ମୂଲ୍ୟ ରାଜ୍ୟର ବିକାଶ ପାଇଁ ଦେବାକୁ ଆହୁରି ନିଷ୍ପତି ନିଆଯାଇନାହିଁ ।

**୮·** ମାର୍ଚ୍ଚ ୨୦୦୫ ରେ ସିଟିଜେନ୍‌ସ୍ ଫର୍ ଡେଭେଲପ୍‌ମେଣ୍ଟ ତରଫରୁ ଆଉ ଗୋଟିଏ ଚେତାବନୀ କେନ୍ଦ୍ର ସରକାରଙ୍କ ପାଖକୁ ପଠାଯାଇଥିଲା । ଏଥିରେ ଦର୍ଶା ଯାଇଥିଲା, କେନ୍ଦ୍ରୀୟ ଅମଲାତନ୍ତ୍ର ଓଡିଶାରୁ ଅଜସ୍ର ଖଣିଜ ସଂପଦ କିଭଳି ହରିଲୁଟ୍ କରିନେଉଛି ଓ ଓଡିଆମାନେ ତଦ୍ଦ୍ୱାରା କିଭଳି ଉପେକ୍ଷିତ ହେଉଛନ୍ତି । ଏଥିରେ ପଚରା ଯାଇଥିଲା (୧) ପାରାଦୀପରେ ତୈଳ ବିଶୋଧନାଗାର ପ୍ରତିଷ୍ଠା କରିବାରେ ଅବହେଳା ହେଉଛି କାହିଁକି ? (୨) ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସତ୍ତ୍ୱେ, ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକଲ୍ ସାଇନ୍‌ସ୍‌ର ଶାଖା ଭୁବନେଶ୍ୱରରେ ଖୋଲା ଯାଇ ନାହିଁ କାହିଁକି ? (୩) ଓଡିଶାରେ ଏକ ଇଣ୍ଡିୟାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜି ବସାଯିବା କଥା କିନ୍ତୁ ଯେଉଁ କେନ୍ଦ୍ରୀୟ ଅମଲାତନ୍ତ୍ର ଓଡିଶାର ଖଣିଜ ସଂପଦରେ ବଞ୍ଚୁଛି ଓଡିଆବାସୀଙ୍କୁ ଉପେକ୍ଷା କରି ଏଭଳି ଇନ୍‌ଷ୍ଟିଚ୍ୟୁଟ୍ ବସାଇବାକୁ ମନା କରିଦେଇଛି । ଇଣ୍ଡିଏନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜି ଓ ଇଣ୍ଡିଏନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ଭଳି ଅନୁଷ୍ଠାନ୍ ଓଡିଶାରେ ବସାଇବାକୁ ଏନ୍·ଡି·ଏ· ସରକାରଙ୍କ ଅମଳରୁ ସି·ଏଫ·ଡି· ୨୦୦୨ ମସିହାରୁ ପ୍ରଚେଷ୍ଟା କରି ଆସିଛି । ତଦ୍ଦ୍ୱାରା ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ବାଜ୍‌ପେୟୀ ଏଭଳି ଅନୁଷ୍ଠାନ ମାନ ଓଡିଶାରେ ବସାଇବାକୁ ନିଷ୍ପତ୍ତି ନେଇଥିଲେ । (୪) ଭୁବନେଶ୍ୱର ଏକ ଟେଂପଲ୍ ସିଟି ବୋଲି 'ନିୟୁୟର୍କ ଟାଇମ୍‌ସ୍' ଭଳି ଏକ ବିଖ୍ୟାତ ଅନ୍ତର୍ଦ୍ଦେଶୀୟ ଖବରକାଗଜରେ ପ୍ରକାଶ ପାଇଥିଲେ ମଧ୍ୟ ଓଡିଶା ଉପେକ୍ଷିତ ହୋଇଛି ।

**୯·** ସି·ଏଫ·ଡି· ର ଏପରି ଅନବରତ ଚେତାବନୀ ଯୋଗୁଁ, କେନ୍ଦ୍ର ସରକାର କିଛି ଦିନ ତଳେ ପ୍ରକାଶ କରିଥିଲେ ଯେ ଓଡିଶାରେ ଇଣ୍ଡିଏନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ବସିବ । ସି·ଏଫ·ଡି· ଓଡିଶାର ସାଂସ୍କୃତିକ ଓ ଐତିହାସିକ ଜାଗାରେ ଏଭଳି ଇନ୍‌ଷ୍ଟିଚ୍ୟୁଟ୍ ବସାଯାଉ ଓ ଭିତ୍ତିଭୂମି ଉନ୍ନତ କରାଯାଉ ବୋଲି ମଧ୍ୟ କେନ୍ଦ୍ର ସରକାରଙ୍କ ପାଖକୁ ଲେଖିଛି ।

**୧୦·** ସି·ଏଫ·ଡି·ର ଉପରୋକ୍ତ ପ୍ରଚେଷ୍ଟା ଫଳରେ, ଭାରତ ସରକାର ଏକ ନ୍ୟାସନାଲ୍ ହେରିଟେଜ୍ କାଉନ୍‌ସିଲ୍ ପ୍ରତିଷ୍ଠା କରିଲେ ଓ ଭୁବନେଶ୍ୱରକୁ ବିଶ୍ୱର ଏକ ହେରିଟେଜ୍ ନଗର ବୋଲି ଘୋଷିତ କଲେ । ପାରାଦୀପ୍‌ରେ ପୂର୍ବାପେକ୍ଷା ଅଧିକ ପୁଞ୍ଜିରେ ତୈଳ ବିଶୋଧନାଗାର ବସାଯିବ ବୋଲି ନିଷ୍ପତ୍ତି ନେଲେ । ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସ୍‌ର ଶାଖା ଭୁବନେଶ୍ୱରରେ ଯଥାଶୀଘ୍ର ଖୋଲା ଯିବ ବୋଲି ନିଷ୍ପତ୍ତି ନେଲେ । ଓଡିଶାସାରା ଗ୍ରାମାଞ୍ଚଳ ଗୁଡିକର ରାସ୍ତା ବିଶ୍ୱବ୍ୟାଙ୍କ ଋଣ ସହାୟତାରେ ଚଉଡା କରାଯିବ ବୋଲି ନିଷ୍ପତ୍ତି ନିଆଗଲା । ବିଶେଷତଃ ଗ୍ରାମାଞ୍ଚଳଗୁଡିକରୁ ଯାଉଥିବା ସମସ୍ତ ରାସ୍ତାକୁ ପ୍ରଶସ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।

**୧୧·** ଡଃ ଶରତ୍ ଚନ୍ଦ୍ରନ୍‌ଙ୍କୁ ଚିଫ୍ ସେକ୍ରେଟାରୀ ପାହ୍ୟାକୁ ଉନ୍ନୀତ କରାଯିବା ପରେ ଓଡିଶା ଅର୍ଥ ନିଗମ୍‌ର ଅନେକ ଅପରାଧୀ ଅଫିସର୍‌ଙ୍କୁ ଆରେଷ୍ଟ କରା ଯାଇଛି । ସି·ଏଫ୍·ଡି· ରାଜ୍ୟର ଆର୍ଥିକ ଅନିୟମତା ବିରୁଦ୍ଧରେ କେନ୍ଦ୍ର ସରକାରଙ୍କୁ ଅନବରତ ଚିଠି ଦେବା ଫଳରେ, ହୁଏତ୍ ଜଣେ ଫାଇନାନ୍‌ସ ପ୍ରଫେସରଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତି କରି, କେନ୍ଦ୍ର ସରକାର ରାଜ୍ୟର ହଜାର ହଜାର କୋଟି ଟଙ୍କା ହରିଲୁଟ୍ ବିଷୟରେ ବିଚାର କରୁଛନ୍ତି ।

**୧୨·** ଭୁବନେଶ୍ୱରର ବର୍ଷାଜଳ ଓ ନର୍ଦ୍ଦମାଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ଅନେକ ଜାଗା ରାଜ୍ୟ ସରକାରୀ କଳ ଉଚ୍ଚ ସ୍ତରରୁ ନିର୍ଦ୍ଦେଶ କ୍ରମେ ଘରୋଇ କଣ୍ଟ୍ରାକ୍ଟରଙ୍କୁ ହସ୍ତାନ୍ତର କରିଆସୁଥିଲେ । ଏ କଥା ସି·ଏଫ୍·ଡି· ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇ ଯଥାଶୀଘ୍ର ପଦକ୍ଷେପ ନନେଲେ ଭୂତଳ ଜଳ ଦୂଷିତ ହୋଇ ଚାଲିବ ଓ ରାଜଧାନୀ ସାରା ଉତ୍କଟ ଦୁର୍ଗନ୍ଧ ବ୍ୟାପି ରହିବ ବୋଲି ୨୦୦୪ ସେପ୍‌ଟେମ୍ବର ମାସରେ ଚେତାବନୀ ଦେଇଥିଲା । ତତ୍ ପରେ ପରେ ଭୁବନେଶ୍ୱର ତହସିଲ୍‌ଦାରଙ୍କ କାରବାର ରାଜ୍ୟ ସରକାର ତନଖିବାକୁ ବାଧ୍ୟ ହେଲା । ରାଜ୍ୟ ସରକାର ରିପୋର୍ଟ ଅନୁସାରେ ଭୁବନେଶ୍ୱର ତହସିଲ୍‌ଦାର ବାସ୍ତବରେ ରାଜଧାନୀ ସ୍ଥିତ ପବ୍ଲିକ୍ ଜମିକୁ କେତେକ ବିଲ୍‌ଡରଙ୍କୁ ଦେଇ ଅଜସ୍ର ଟଙ୍କା ମାରିନେଇଥିବା ଘଟଣା ପ୍ରକାଶ ପାଇଛି । ରାଜ୍ୟର କୁଶାସନ ଅଧିକାରୀ ବର୍ଗ ଏଭଳି ପବ୍ଲିକ୍ ସଂପତ୍ତି ଚୋରୀ କରୁଥିବା ତସ୍କରକୁ ଅନ୍ୟ ଏକ ଅଫିସ୍‌କୁ ଟ୍ରାନ୍‌ସଫର କରିଦେଇଛି । କିନ୍ତୁ ଯେଉଁ କୁଶାସନ ଅଧିକାରୀଙ୍କ ପ୍ରତାରଣାରେ ଆମର ସମୂହ ସଂପଦ ଲୁଟ୍ ହୋଇ ଚାଲିଛି, ଭୁବନେଶ୍ୱରକୁ ଆସିବା ନୂଆ ତହସିଲ୍‌ଦାର ତାକୁ ବନ୍ଦ କରିପାରିବେକି ?

**୧୩·** ସମୂହ ସଂପଦ ଲୁଟି କରୁଥିବା ଅଫିସର୍ ହେଲେ ଆମ ସମାଜର କଳଙ୍କ ଓ ଅପରାଧୀ । ଏ ଭଳି ଅପରାଧରେ ସାହାଯ୍ୟ କରୁଥିବା ଉଚ୍ଚସ୍ତରୀୟ ଶାସକ ଗୋଷ୍ଠୀ ହେଲେ ଆହୁରି ବଡ କଳଙ୍କିତ ଅପରାଧୀ । ସର୍ବସାଧାରଣଙ୍କ ରାଜସ୍ୱ ଉପଭୋଗ କରୁଥିବା ସମସ୍ତ ଅପରାଧୀ ଅଫିସର୍‌ଙ୍କୁ ଚାକିରୀରୁ ବହିଷ୍କାର କରନ୍ତୁ ବୋଲି ସି·ଏଫ·ଡି· ଅନେକ ବାର ଚେତାବନୀ ଦେଇ ଆସିଛି । ଲୋକ ଦେଖାଣିଆ ଅଦଳ ବଦଳରେ ସଚ୍ଚୋଟପଣିଆ ପ୍ରମାଣିତ ହୁଏନା । ସେ ଯାହା ହେଉ ଅପରାଧୀ ଅଫିସର୍‌ଙ୍କୁ ଏଭଳି ଅଦଳ ବଦଳ କରାନଯାଇ ଚାକିରୀରୁ ବହିଷ୍କାର କରିବାକୁ ଏକ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ସି·ଏଫ୍·ଡି· ଦେଇଛି ।

ସି·ଏଫ·ଡି· କେନ୍ଦ୍ର ସରକାରଙ୍କୁ ଖଣିଜ ସଂପଦର ବଜାର ମୂଲ୍ୟ ଦିଆଯାଉ ବୋଲି ସବୁ ବ୍ଲକ ଓ ପଞ୍ଚାୟତ ତରଫରୁ ଯଥାର୍ଥ ଦାବୀ କଲାବେଳେ ରାଜ୍ୟର

ସରକାରୀ କଳ ଏକ କୋରିଆନ୍ କଂପାନୀକୁ ଆମ ଲୁହାଧାତୁକୁ ବଜାର ମୂଲ୍ୟରେ ନବିକି ମାତ୍ର କିଛି ରୟାଲ୍‌ଟି ଆକାରରେ ଦେଇ ଦେଇଛନ୍ତି । ଅର୍ଥାତ୍ ସି·ଏଫ୍·ଡି· ଓଡିଆଙ୍କ ସମୃଦ୍ଧି ପାଇଁ ଅଜସ୍ର ଉଦ୍ୟମ କଲାବେଳେ ରାଜ୍ୟର ସରକାରୀ କଳ ଓଡିଶାରେ ହରିଲୁଟ୍ ଧନ୍ଦା ଅବ୍ୟାହତ ରଖିଛି । ଏ ଭଳି ନିଷ୍ପତ୍ତିକାରୀଙ୍କୁ ସରକାରୀ ଚାକିରୀରୁ ହଟାଇବାକୁ ରାଷ୍ଟ୍ରପତିଙ୍କ ପାଖକୁ ସି·ଏଫ·ଡି· ଗତବର୍ଷ ଲେଖିଥିଲା । ଏବେ ରାଜ୍ୟ ସରକାର ବାଧ୍ୟହୋଇ କୋରିଆର କଂପାନୀ ସଙ୍ଗେ ଚୁକ୍ତି କରିଥିବା ସମସ୍ତ ଅଫିସର୍‌ଙ୍କୁ ବଦଳାଇ ଦେଇଛନ୍ତି । କିନ୍ତୁ ସମାଜକୁ ଅଧୋଗତି କରାଉଥିବା ଏଭଳି ଅଫିସର୍ ବର୍ଗଙ୍କୁ ଚାକିରୀରୁ ବହିଷ୍କାର କରିବା ପାଇଁ ଆମକୁ ଚେଷ୍ଟା କରିବାକୁ ପଡିବ । ଓଡିଶାବାସୀ ଯେତେଦିନ ଏଭଳି କ୍ଷମତା ହାସଲ କରିପାରି ନାହାନ୍ତି, ସେତେ ପର୍ଯ୍ୟନ୍ତ ଆମେ ସମୃଦ୍ଧିଶାଳୀ ହୋଇପାରିବାନି ବରଂ ଗରିବ, ନିରକ୍ଷର ତଥା ରୁଗ୍ଣ ହୋଇ ଚାଲିଥିବା ।

# ସମୃଦ୍ଧି ପାଇଁ ଜାଗତିକ ଧର୍ମ ଓ ଭଗବାନ

ଜଗତର ସବୁ ଉପାଂଶଗୁଡିକୁ ଦୁଇଟି ଅସଂଲଗ୍ନ ଗୁଚ୍ଛରେ ଭାଗ କରାଯାଉ । ପ୍ରଥମ ଗୁଚ୍ଛରେ ମାନବ ସମାଜକୁ ଜଣାଥିବା ସମସ୍ତ ଉପାଂଶଗୁଡିକୁ ରଖାଯାଉ ଓ ଏହାକୁ କୁହାଯାଉ ଜ୍ଞେୟ ଗୁଚ୍ଛ । ଦ୍ୱିତୀୟ ଗୁଚ୍ଛରେ ମାନବ ସମାଜକୁ ଜଣାନଥିବା ସମସ୍ତ ଉପାଂଶଗୁଡିକୁ ରଖାଯାଉ ଓ ଏହାକୁ କୁହାଯାଉ ଅଜ୍ଞେୟ ଗୁଚ୍ଛ । ଜଗତର ସମସ୍ତ ଆହରଣୀୟ ଜ୍ଞାନ ଜ୍ଞେୟ ବା ଅଜ୍ଞେୟ ଗୁଚ୍ଛରେ ସର୍ବଦା ଅବସ୍ଥାପିତ । କିନ୍ତୁ ଜ୍ଞେୟ ଓ ଅଜ୍ଞେୟ ଗୁଚ୍ଛ ଦୁଇଟିର ସୀମାଗୁଡିକ ଗତିଶୀଳ ଭାବେ ସମୟାନୁକ୍ରମେ ବଦଳି ଆସୁଛି । ମାନବର ଜ୍ଞାନ ବଢି ଚାଲିଛି । ତଦନୁଯାୟୀ ସମୟାନୁକ୍ରମେ ଜ୍ଞେୟ ଗୁଚ୍ଛ ପ୍ରସାରିତ ହୋଇ ଚାଲିଛି ଓ ଅଜ୍ଞେୟ ଗୁଚ୍ଛ ସଙ୍କୁଚିତ ହୋଇ ଚାଲିଛି । ଅଜ୍ଞେୟ ଗୁଚ୍ଛ ସଙ୍କୁଚିତ ହୋଇ ଚାଲିଥିଲେ ମଧ୍ୟ ବିଶାଳ, ଅନନ୍ତ ହୋଇ ରହିଛି ଯେହେତୁ ମାନବ ପ୍ରକୃତି ସଂପର୍କରେ ଯେଉଁ ଜ୍ଞାନ ଆହରଣ କରିଛି ତାହା ଅତି ନଗଣ୍ୟ ।

ଅଜ୍ଞେୟ ଗୁଚ୍ଛର ଉପାଂଶଗୁଡିକ ଉପରେ କେବଳ ବିଶ୍ୱାସ ସ୍ଥାପନ କରିବା ବ୍ୟତୀତ ମାନବ ସମାଜର ଆଉ କିଛିପନ୍ଥା ନାହିଁ । ଏହି ବିଶ୍ୱାସକୁ ମାନବ ସମାଜ ଧର୍ମ ବୋଲି ଅଖ୍ୟା ଦେଇ ଆସିଛି । ମୋର ଉପାଖ୍ୟାନ ଜାଗତିକ ଧର୍ମ ବିଶ୍ୱାସରେ ଅଜ୍ଞେୟ ଗୁଚ୍ଛ ହେଲା ଜାଗତିକ ଭଗବାନ । ମୋ ଭଗବାନ ବା ଅଜ୍ଞେୟ ଗୁଚ୍ଛକୁ ଜାଗତିକ ହିଁ କୁହାଯିବା ଉଚିତ ଯେହେତୁ ଏହି ବିଶ୍ୱାସ ସବୁ ସାଂପ୍ରତିକ ଧର୍ମଗୁଡିକର ଭିତ୍ତି ହୋଇଛି ।

ନୂତନ ଜ୍ଞାନ ଉଦ୍ଭାବନ କରି ଜ୍ଞେୟ ଗୁଚ୍ଛର ପରିସର ବୃଦ୍ଧି କରୁଥିବା ବ୍ୟକ୍ତିମାନେ ମୋର ଜାଗତିକ ଧର୍ମ ଅନୁସାରେ ହେଲେ ମୋ ଜାଗତିକ ଭଗବାନଙ୍କ ପୁତ୍ର । ମୋ ଜାଗତିକ ଧର୍ମରେ ନୂତନ ଜ୍ଞାନ ପାଇଁ ଅନ୍ୱେଷଣ କରିବା ହେଲା ଅଜ୍ଞେୟ ଗୁଚ୍ଛକୁ ଅର୍ଥାତ୍ ଜାଗତିକ ଭଗବାନଙ୍କୁ ଆବିଷ୍କାର କରିବାର ଇଚ୍ଛା । ଜ୍ଞାନ ପାଇଁ ଅନ୍ୱେଷଣ କରିବାର ଇଚ୍ଛା ହେଲା ବୈଜ୍ଞାନିକ ଗବେଷଣା । ବୈଜ୍ଞାନିକ ଗବେଷଣା ଜ୍ଞାନ ବୃଦ୍ଧି କରିପାରେ ଓ ତଦ୍ୱାରା ଅଜ୍ଞେୟ ଗୁଚ୍ଛରୁ କିଛି ଉପାଂଶକୁ ଆବିଷ୍କାର କରି ଏହି ଗୁଚ୍ଛକୁ ସଙ୍କୁଚିତ କରିପାରେ । ଭଗବାନଙ୍କୁ ପାଇବା ବା ଆବିଷ୍କାର କରିବା ପନ୍ଥାକୁ ସାଂପ୍ରତିକ ଧର୍ମଗୁଡିକରେ ପ୍ରାର୍ଥନା ବୋଲି କୁହାଯାଏ । ଜ୍ଞାନ ବୃଦ୍ଧି ପାଇଁ ଓ ଅଜ୍ଞେୟ ଗୁଚ୍ଛକୁ ସଙ୍କୁଚିତ କରିବା ନିମନ୍ତେ ଅନମନୀୟ ବୈଜ୍ଞାନିକ ଗବେଷଣା ଓ ଅଧ୍ୟବସାୟ ହେଲା ମୋ ଜାଗତିକ ଧର୍ମର ପ୍ରାର୍ଥନା ।

ବୈଜ୍ଞାନିକ ମାନେ ବାସ୍ତବରେ ହେଲେ ଜାଗତିକ ଭଗବାନଙ୍କ ପୁତ୍ର ଯେହେତୁ ସେମାନେ ଅନବରତ ଜାଗତିକ ଭଗବାନଙ୍କୁ (ଅଜ୍ଞେୟ ଗୁଚ୍ଛକୁ) ଆବିଷ୍କାର କରିବା ପାଇଁ କାର୍ଯ୍ୟରତ । ଆଇନଷ୍ଟାଇନ୍, ବିବେକାନନ୍ଦ, ଯୀଶୁ ଖ୍ରୀଷ୍ଟ, ମହମ୍ମଦ, କୃଷ୍ଣ, ଓ ମହାତ୍ମା ଗାନ୍ଧୀଙ୍କ ଭଳି ବ୍ୟକ୍ତିଙ୍କୁ ଭଗବାନଙ୍କ ପୁତ୍ର, ଅବତାର କିମ୍ବା ଭବିଷ୍ୟଦବକ୍ତା ବୋଲି ଆଖ୍ୟା ଦିଆଯାଇ ପାରେ ଯେହେତୁ ସେମାନେ କିଛି ନୂତନ ଜ୍ଞାନ ଆବିଷ୍କାର କରିଛନ୍ତି ଯାହା ତତ୍‌କାଳୀନ ମାନବ ସମାଜ ଅଜ୍ଞେୟ ବୋଲି ଧରି ନେଇଥିଲା । ଜାଗତିକ ଧର୍ମରେ ଅଜ୍ଞେୟ ଗୁଚ୍ଛ ହେଲା ଭଗବାନ । ଏ ଭଗବାନଙ୍କୁ ଆବିଷ୍କାର କରିଥିବା ବ୍ୟକ୍ତିମାନେ ହେଲେ ଭଗବାନଙ୍କ ପୁତ୍ର, ଅବତାର କିମ୍ବା ଭବିଷ୍ୟଦବକ୍ତା । ଉଦାହରଣ ସ୍ୱରୂପ, ମହାତ୍ମା ଗାନ୍ଧୀ ଅନେକ ଅନ୍ୱେଷଣ କରିବା ପରେ ସତ୍ୟାଗ୍ରହ ଭଳି ଏକ ପଦ୍ଧତି ଉଦ୍ଭାବନ କରିପାରିଥିଲେ ଯଦ୍ୱାରା ସେତେବେଳେ ପରାଧୀନ ଥିବା ମାନବ ଅହିଂସାରେ ସ୍ୱାଧୀନ ହୋଇ ସଚେତନ ହୋଇପାରିଥିଲା । ଏ ଭଳି ଯୁକ୍ତି ଆଇନଷ୍ଟାଇନ୍, ବିବେକାନନ୍ଦ, ଯୀଶୁ ଖ୍ରୀଷ୍ଟ, ମହମ୍ମଦ ଓ କୃଷ୍ଣଙ୍କ ପାଇଁ ଉପସ୍ଥାପନ କରି ପ୍ରମାଣ କରିପାରିବା ଯେ ସେମାନେ ମଧ୍ୟ ଥିଲେ ଜାଗତିକ ଭଗବାନଙ୍କ ପୁତ୍ର, ଅବତାର କିମ୍ବା ଭବିଷ୍ୟତବକ୍ତା । ଭାରତୀୟ ହିନ୍ଦୁ ମାନେ କୃଷ୍ଣଙ୍କୁ ଭଗବାନଙ୍କ ଅବତାର ବୋଲି ଆଖ୍ୟା ଦେଇଛନ୍ତି । ମଧ୍ୟ-ପୂର୍ବ ଏସିଆରେ ଯୀଶୁ ଖ୍ରୀଷ୍ଟଙ୍କୁ ଭଗବାନଙ୍କ ପୁତ୍ର ଓ ମହମ୍ମଦଙ୍କୁ ଭବିଷ୍ୟଦବକ୍ତା ବୋଲି ଆଖ୍ୟା ଦିଆଯାଇଛି । ଏ ସମସ୍ତ ବ୍ୟକ୍ତିମାନେ ତତ୍‌କାଳୀନ ଅଜ୍ଞେୟ ଗୁଚ୍ଛରୁ କିଛି ବିଶିଷ୍ଟ ନୂତନତ୍ୱ ଆବିଷ୍କାର କରିପାରିଥିଲେ । ତଦ୍ୱାରା ସେମାନେ ତତ୍‌କାଳୀନ ଜ୍ଞେୟ ଗୁଚ୍ଛର ପରିସରକୁ ବୃଦ୍ଧି କରି ଅଜ୍ଞେୟ ଗୁଚ୍ଛକୁ ସଙ୍କୁଚିତ କରିପାରିଥିଲେ ।

ଉପରୋକ୍ତ ବ୍ୟାଖ୍ୟାନୁଯାୟୀ, ଖ୍ରୀଷ୍ଟିୟାନ୍, ହିନ୍ଦୁ, ମୁସଲମାନ୍, ଜିୟୁ, ବୁଦ୍ଧ, ତଥା ଅନ୍ୟ ସମସ୍ତ ଧର୍ମାବଲମ୍ବୀ ମାନବମାନେ ମୋ ଜାଗତିକ ଧର୍ମ ବିଶ୍ୱାସରେ ପ୍ରାକୃତିକ ଭାବେ ସଂପୃକ୍ତ ଅଛନ୍ତି ଓ ଜାଗତିକ ଭଗବାନଙ୍କୁ ଗ୍ରହଣ କରିଛନ୍ତି । ଜାଗତିକ ଭଗବାନ ସାଂପ୍ରତିକ ଧର୍ମ ନିର୍ବିଶେଷରେ ସମଗ୍ର ମାନବ ସମାଜର ଏକମାତ୍ର ଅସାଧାରଣ ଭଗବାନ ଯାହାଙ୍କୁ ସମସ୍ତେ ଆବିଷ୍କାର କରିବାକୁ ଅନବରତ ପ୍ରଚେଷ୍ଟା କରି ଆସିଛନ୍ତି ।

ଜ୍ଞାନ ସମୟ ଭିତ୍ତିକ । ସମୟାନୁକ୍ରମେ ଜ୍ଞେୟ ଗୁଚ୍ଛର ପରିଷର ବୃଦ୍ଧି ହୁଏ । ଏହି ଜ୍ଞେୟ ଗୁଚ୍ଛକୁ ସାଂପ୍ରତିକ ଗଣିତଶାସ୍ତ୍ରରେ ସିଗ୍‌ମା ଆଲ୍‌ଜେବ୍ରା ବୋଲି କୁହାଯାଏ । ଅର୍ଥଶାସ୍ତ୍ରରେ ଏହାକୁ ଜ୍ଞାନର ଗୁଚ୍ଛ ବୋଲି ଆଖ୍ୟା ଦିଆଯାଇଛି । ଜଣେ ମାନବର ଆର୍ଥିକ ଆୟ କେଉଁଭଳି ଭାବେ ସୃଷ୍ଟି ହୁଏ ବୋଲି ଯଦି ଅର୍ଥଶାସ୍ତ୍ର ପ୍ରଣାଳୀରେ ଗବେଷଣା କରାଯାଏ, ତେବେ ଆୟକୁ ଦୁଇ ଭାଗ କରାଯିବ । ପ୍ରଥମ ଭାଗ ଜ୍ଞେୟ ଗୁଚ୍ଛ ମାଧ୍ୟମରେ ସଂପୂର୍ଣ୍ଣ ନିର୍ଣ୍ଣୟ ହୁଏ ଓ ଦ୍ୱିତୀୟ ଭାଗ ଅଜ୍ଞେୟ ହୋଇ ରହେ । ଦ୍ୱିତୀୟ ଭାଗଟିକୁ ଅର୍ଥନୀତିଜ୍ଞମାନେ ଜ୍ଞେୟ ଗୁଚ୍ଛ ଦ୍ୱାରା ବର୍ଣ୍ଣନା କରାଯାଇପାରେନା ବୋଲି କୁହନ୍ତି । ଅର୍ଥନୀତିଜ୍ଞମାନେ ଦ୍ୱିତୀୟ ଭାଗଟିକୁ ବୋଧଗମ୍ୟ କରିପାରନ୍ତିନି । ବୋଧଗମ୍ୟ ନହେଉଥିବା ଆୟର ଭାଗଟିକୁ ଅନିୟମିତ ବୋଲି ଆଖ୍ୟା ଦେଇଥାନ୍ତି । ବୋଧଗମ୍ୟ ନହୋଇ ସୃଷ୍ଟି ହେଉଥିବା ଆୟ ଭାଗ୍ୟରୁ ଆଦାୟ ହେଉଛି ବୋଲି ଅନେକ ମାନବ ଭାବନ୍ତି । ଅର୍ଥାତ୍ ଜ୍ଞେୟ ଗୁଚ୍ଛ ଦ୍ୱାରା ବୋଧଗମ୍ୟ ହୋଇପାରୁନଥିବା ଫଳାଫଳକୁ ଭାଗ୍ୟ ବୋଲି ମାନବ ଭାବି ଆସିଛି ।

ମାନବ ସମାଜର ଚିନ୍ତାଧାରାକୁ ଅନୁରୂପ ଭାବେ ଏକତ୍ରିତ କରିବା ହେଲା ଏହି ଲେଖାର ମୂଳ ଲକ୍ଷ୍ୟ । ମାନବ ସମାଜକୁ ଜାଗତିକ ଧର୍ମ ଓ ଭଗବତ୍ ଚିନ୍ତାଧାରାରେ ଏକତ୍ରିତ କରିପାରିଲେ, ଜଗତରେ ଶାନ୍ତି ଓ ସମୃଦ୍ଧି ସମ୍ଭବ ହୋଇ ପାରିବ । ମାନବ ସମାଜ ଏକତ୍ରିତ ହୋଇପାରିଲେ, ସାଂପ୍ରତିକ ଧର୍ମ ଗୁରୁ ଓ ନେତାମାନେ ନିଜ ଅବୈଧ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଅନ୍ୟମାନଙ୍କୁ ଶୋଷଣ କରିପାରିବେ ନାହିଁ । ତଦ୍ୱାରା ସମାଜରେ ସମସ୍ତେ ନିଜ ନିଜର ଜ୍ଞାନ ଓ ଅଧ୍ୟବସାୟ ଅନୁସାରେ ସମୃଦ୍ଧି ଘଟାଇପାରିବେ ।

Citizens for Development (CFD) and School of Optimal Governance (SOG) on internet at Pro-Prosperity.Com/cfd are already rated as number one by the best internet search engine Google for information on (i) optimal governance for prosperity, (ii) safe banking for prosperity, (iii) optimal governance, (iv) optimal prosperity, (v) universal religion and god and on other searches for information related to prosperity. Contact cfd@pro-prosperity.com.